# Akashvani, Sambalpur

## SAMBALPURI NEWS EVENING BULLETIN

**31 March 2025- 7.02 pm- 7.12 pm.**

*********************************************

୧- ରାଏଜେ ଆଏବା କାଏଲ୍ ମୁଲ୍ ହେବା ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଆର୍ ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ।

୨- ରାଜ୍ୟ ସର୍‌କାର୍ ଓଡ଼ିଶା ଦିବସ୍ ଅବ୍‌ସରେ ଆଏବାକାଏଲ୍‌ଠାନୁ ପାଲନ୍ କର୍‌ବେ ଓଡ଼ିଆ ପକ୍ଷ ।

୩- କେନ୍ଦ୍ର ସର୍‌କାରୀ କର୍ମଚାରୀଙ୍କର୍ ଲାଗି ଆଏବା କାଏଲ୍‌ଠାନୁ ଲାଗୁ ହେବା ଏକୀକୃତ ପେନ୍‌ସନ୍ ଯୋଜ୍‌ନା ।

ଆଉର୍

୪- ମୁସଲ୍‌ମାନ୍ ସମ୍ପ୍ରଦାୟ ତର୍‌ଫୁ ଉସ୍‌ନାକିଥି ପାଲନ୍ ହେଉଛେ ଇଦ୍-ଉଲ୍-ଫିତର୍ ପରବ୍ ।

ଜନଆରୋଗ୍ୟ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା କାଏଲ୍ ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା ଆଉ ଗୋପବନ୍ଧୁ ଜନଆରୋଗ୍ୟ

ଯୋଜ୍‌ନା ଶୁଭାରମ୍ଭ ହେବା । ଇତାର୍‌ସହେତେ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନା ଭିଲ୍ ଶୁଭାରମ୍ଭ ହେବା । ସର୍‌କାରୀ ସୂତ୍ରର୍ ସୂଚ୍‌ନା ଅନ୍‌ସାରେ ଇ ଯୋଜ୍‌ନା ଜରିଏ ରାଜ୍ୟର୍ ୧ କୋଟି ୩ ଲାଖ୍‌ନୁ ଅଏତ୍‌କା ପରିବାର୍ ଉପକୃତ ହେବେ । ୩ କୋଟି ୪୬ ଲାଖ୍ ନୁ ଅଏତ୍‌କା ଲୋକ୍ ଇ ଦୁହି ସ୍ୱାସ୍ଥ୍ୟ ଯୋଜ୍‌ନାନୁ ଲାଭ୍ ପାଏବେ । ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଗୁଟେ ସ୍ୱାସ୍ଥ୍ୟକାର୍ଡ଼ ଦିଆଯିବା । ସେନ୍ତା ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନାଥି ୭୦ ବଛର୍‌ନୁ ଅଏତ୍‌କା ବୟସର୍ ପାଖାପାଖି ୨୩ ଲାଖ୍ ୧୩ ହଜାର୍ ହିତାଧିକାରୀ ଅଲ୍‌ଗା ସ୍ୱାସ୍ଥ୍ୟକାର୍ଡ଼ ପାଏବେ । ଯୋଜ୍‌ନାଥି ପୁରୁଷମାନ୍‌କୁ ୫ ଲାଖ୍ ଟଙ୍କାତକ୍ ଆଉ ମହିଲାମାନ୍‌କୁ ୧୦ ଲାଖ୍ ଟଙ୍କାତକ୍ ଚିକିତ୍ସା ସୁବିଧା ଦିଆଯିବା । ଇ ଦୁହି ଯୋଜ୍‌ନାଥି ହିତାଧିକାରୀମାନେ ଦେଶର୍ ୨୯ ହଜାର୍‌ନୁ ଅଏତ୍‌କା ସର୍‌କାରୀ ଆର୍ ପଞ୍ଜିକୃତ ବେସର୍‌କାରୀ ଡାକ୍ତର୍‌ଖାନାନୁ ଚିକିତ୍ସା ସୁବିଧା ପାଇପାର୍‌ବେ ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଜନାପଡ଼ିଛେ ।

ଓଡ଼ିଆ ପକ୍ଷ -ସଂସ୍କୃତି ମନ୍ତ୍ରୀ I&PR

ଆଏବା କାଏଲ୍ ଓଡ଼ିଶା ଦିବସ୍ ନୁ ଏପ୍ରିଲ୍ ୧୪ ତାରିଖ୍ ଓଡ଼ିଆ ନୂଆବଛର୍‌ତକ୍ ଓଡ଼ିଆ ପକ୍ଷ ପାଲନ୍ କର୍‌ବାର୍‌କେ ରାଜ୍ୟ

ସର୍କାର୍ ଘୋଷ୍ନା କରିଛନ୍ । ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଆର୍ ଐତିହ୍ୟକେ ତହଁକାବାର୍ ଲାଗି ଇ ୧୪ ଦିନ୍ ଭିତ୍ରେ ସର୍କାର୍ଙ୍କର୍ ତର୍ଫୁ ରାଜ୍ୟସ୍ତର୍‌ନୁ ମୁଲ୍ କରିକରି ବ୍ଲକ୍ ସ୍ତର୍‌ତକ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ କରାଯିବା ବଲି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଆଏବା କାଏଲ୍ ରାଜ୍ୟ ଆଉ ଜିଲ୍ଲା ଉପଖଣ୍ଡସ୍ତର୍‌ନୁ ଓଡ଼ିଶା ଦିବସ୍ ପାଲନ୍ କରାଯିବା । ୨ ତାରିଖ୍ ଶିଶୁବାଟିକା ମାନ୍‌କେ ଖଡ଼ିଛୁଆଁ ଆର୍ ପ୍ରବେଶ୍ ଉତ୍ସବ୍, ୩ ତାରିଖ୍ ଆମ ପୋଷାକ - ଆମ ପରିଚୟ, ୪ ତାରିଖ୍ ଓଡ଼ିଆ ନାମଫଳକ ବେଭାର୍ ଅଭିଯାନ୍, ୫ ତାରିଖ୍ ଗଣଦୌଡ଼, ୬ ତାରିଖ୍ ମନ୍ଦିର୍ ଆର୍ ଐତିହ୍ୟ ସ୍ଥଲୀର୍ ସ୍ୱଚ୍ଛତା ଅଭିଯାନ୍ କରାଯିବା । ସେନ୍ତା ୭ ତାରିଖ୍ ବର୍ଣ୍ଣବୋଧ ଉତ୍ସବ୍, ୮ ତାରିଖ୍ ରକ୍ତଦାନ୍ ଶିବିର୍, ୯ ତାରିଖ୍ ବହିଘିନା ଉତ୍ସବ୍, ୧୦ ତାରିଖ୍ ଲୋକକଲା ଦିବସ୍, ୧୧ ତାରିଖ୍ ଯୁବ ଲେଖକ ସମ୍ମିଳନୀ, ୧୨ ତାରିଖ୍ ସାହିତ୍ୟ ଆଲୋଚନାଚକ୍ର, ୧୩ ତାରିଖ୍ ଆମ ରୁଚି- ଆମ ଖାଦ୍ୟ ଆର୍ ୧୪ ତାରିଖ୍ ଓଡ଼ିଆ ନୂଆବଛର୍ ପାଲନ୍ କରାଯିବା ।

ଏକୀକୃତ ପେନ୍‌ସନ୍ ଯୋଜ୍‌ନା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ସର୍‌କାରୀ କର୍ମଚାରୀମାନ୍‌କର୍ ଲାଗି ଆଏବା କାଏଲ୍‌ଠାନୁ ଏକୀକୃତ ପେନ୍‌ସନ୍ ଯୋଜ୍‌ନା ଲାଗୁ ହେବା । ଜାତୀୟ ପେନ୍‌ସନ୍ ଯୋଜ୍‌ନା ଅଧୀନ୍‌ଥି ଇ ଯୋଜ୍‌ନାକେ କାର୍ଯ୍ୟକାରୀ କରାଯାଉଛେ । ଯୋଜ୍‌ନାଥି ସାମିଲ୍ ହେବାର୍ ଲାଗି କେନ୍ଦ୍ର ସର୍‌କାରୀ କର୍ମଚାରୀଙ୍କର୍ ଇଚ୍ଛାଧୀନ କ୍ଷମତା ରହିଛେ । ଇ ଯୋଜ୍‌ନାର୍ କାର୍ଯ୍ୟକାରିତାକେ ନେଇକରି ପେନ୍‌ସନ୍ ପାଣ୍ଠି ନିୟାମକ୍ ଆର୍ ବିକାଶ୍ ପ୍ରାଧିକରଣ୍ ତର୍‌ଫୁ ମାର୍ଗଦର୍ଶିକା ବାହାରିଛେ । ଇଥି କେନ୍ଦ୍ର ସର୍‌କାରୀ କର୍ମଚାରୀଙ୍କୁ ୩ ଟା ବର୍ଗଥି ଭାଗ୍ କରାଯାଇଛେ । ଇ ବଛର୍ ଏପ୍ରିଲ୍ ୧ ତାରିଖ୍ ଭିତ୍‌ରେ କେନ୍ଦ୍ର ସର୍‌କାରୀ ଚାକିରୀଥି ଯୋଗ୍ ଦେଇଥିବା କର୍ମଚାରୀମାନ୍‌କୁ ପହେଲା ବର୍ଗଥି ରଖାଯାଇଛେ । ସେମାନେ ଜାତୀୟ ପେନ୍‌ସନ୍ ବ୍ୟବସ୍ଥା ଏନ୍‌ପିଏସ୍ ଅଧୀନ୍‌ଥି ସାମିଲ୍ ହେଇପାର୍‌ବେ । ସେନ୍ତା ଏପ୍ରିଲ୍ ୧ ତାରିଖ୍ ଆର୍ ତାର୍ ଉତ୍‌ରୁ ଯୋଗ୍ ଦେଇଥିବା ନୂଆଁ କର୍ମଚାରୀମାନ୍‌କୁ ୨ ନମ୍ବର୍ ବର୍ଗଥି ରଖାଯାଇଥିଲା ବେଲ୍‌କେ ୩ ନମ୍ବର୍ ବର୍ଗଥି ଏନ୍‌ପିଏସ୍ ଯୋଜ୍‌ନାଥି ସାମିଲ୍ ଥିବା କର୍ମଚାରୀ ଆଉ ଅବସର ନେଇଥିବା କର୍ମଚାରୀମାନେ ରହିଛନ୍ । ନୂଆଁ ଯୋଜ୍‌ନାଥି ସବୁନୁ କମ୍ ୨୫ ବଛର୍ କାମ୍ କରିଥିବା କେନ୍ଦ୍ର ସର୍‌କାରୀ କର୍ମଚାରୀଙ୍କର୍ ଶେଷ୍ ୧୨ ମାସ୍ ଦର୍‌ମାର୍ ହାରାହାରି ମୁଲ୍ ଦର୍‌ମାର୍ ୫୦ ପ୍ରତିଶତ୍ ପେନ୍‌ସନ୍ ଆକାରେ ଦିଆଯିବା ।

ଚାକିରୀ ସମିଆଥି ଜୀବନ୍ ଯାଇଥିବା କର୍ମଚାରୀମାନ୍କର୍ ପରିବାର୍କେ ୬୦ ପ୍ରତିଶତ୍ ପେନ୍ସନ୍ ଦିଆଯିବା । ସେନ୍ତା ୧୦ ବଛର୍ତକ୍ ଚାକିରୀ କରିଥିବା କର୍ମଚାରୀମାନ୍କୁ ୧୦ ହଜାର୍ ଟଙ୍କାତକ୍ ପେନ୍ସନ୍ ଦେବାର୍କେ ଯୋଜ୍ନାଥି ବ୍ୟବସ୍ଥା କରାଯାଇଛେ ।

ଅବକାରୀ ହି.ସ.

ରାଜ୍ୟ ସର୍କାର୍ ଅବକାରୀ ନୀତିର୍ ସମୟସୀମା ଏପ୍ରିଲ୍ ମାସର୍ ଶେଷ୍ତକ୍ ବଢ଼େଇଛନ୍ । ନୂଆଁ ଅବକାରୀ ନୀତି ଘୋଷ୍ନା ହେବାର୍ତକ୍ ପୁରୁଣା ନୀତି ଚାଲୁ ରହେବା । ଇହାଦେ ନୂଆଁ ନୀତିର୍ ଲାଗି ରୂପରେଖ ତିଆରି ଚାଲିଛେ । ମୁଖ୍ୟମନ୍ତ୍ରୀଙ୍କର୍ ଅନୁମୋଦନ୍ ଉତ୍ରୁ ନୂଆଁ ନୀତି କାର୍ଯ୍ୟକାରୀ ହେବା ବଲି ଅବକାରୀମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ ସୂଚ୍ନା ଦେଇଛନ୍ ।

(ଭଏସ୍ ଓଭର୍- ଅବକାରୀମନ୍ତ୍ରୀ)

ସଡ଼କ ନିର୍ମାଣ ଆର୍ଏନ୍ୟୁ/ କଟକ୍

ରାଏଜେ ଆଏବା ଆର୍ଥିକ୍ ବଛ୍‌ରେ ସାଢ଼େ ୬ ହଜାର୍ କିଲୋମିଟର୍ ରାସ୍ତା ତିଆର୍ କରାଯିବା ବଲି ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଜାତୀୟ ରାଜପଥ ପ୍ରାଧିକରଣ୍ ଆଉ ରାଜ୍ୟ ରାଜପଥ ପ୍ରକଳ୍ପର୍ ସମୀକ୍ଷା ଉତ୍‌ରୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଇଟା କହିଛନ୍ । ଆଏବା ୩ ବଛର୍ ଭିତ୍‌ରେ ୨ ଲାଖ୍ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚାଥି ୧୫ ହଜାର୍ କିଲୋମିଟର୍ ରାସ୍ତା ତିଆର୍ କରାଯିବା ବଲି ମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ଜାତୀୟ ଐତିହ୍ୟ ତାଲିକା ପୁରୀ ସମ୍ବାଦଦାତା

ପୁରୀ ରଥ୍‌ଯାତ୍ରା ଆଉ କଟକ୍‌ର ବାଲିଯାତ୍ରାକେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଲୟର ସଂଗୀତ ନାଟକ୍ ଏକାଡେମୀର୍ ଜାତୀୟ ଐତିହ୍ୟ ତାଲିକାଥି ତାଲିକାଭୁକ୍ତ କରାଯାଇଛେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଅରବିନ୍ଦ ପାଢ଼ୀ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍‌ନା ଦେଇଛନ୍ । ଇ ତାଲିକାଥି ରଥଯାତ୍ରାଥି ସାମିଲ୍ ହେଲା ଉତ୍‌ରୁ ବିଶ୍ୱ ଐତିହ୍ୟ ତାଲିକାଥି ଠାନ୍ ପାଏବାର୍‌କେ ଆଉ ପାଦେ ଆଗ୍‌କେ ବଢ଼ିଛେ । ଇନ ଜନେଇ ଦିଆଯାଇପାରେ ଯେ, ବିଶ୍ୱ ଐତିହ୍ୟ ତାଲିକା ନ କେନ୍‌ସି ସାଂସ୍କୃତିକ୍ ଏତିହ୍ୟ ସାମିଲ୍ ହେବାର୍ ଆଘୋନୁ ଜାତୀୟ ଐତିହ୍ୟ ତାଲିକାଥି ସାମିଲ୍ ଥିବାର୍ ଜରୁରୀ ଆଏ ।

ପୁଲିସ୍ ପ୍ରତିଷ୍ଠା ଦିବସ୍ I&PR

କଟକ୍ ବକ୍ସିବଜାର୍ ପୁଲିସ୍ ପଡ଼ିଆଠାନେ ଆଏବା କାଏଲ୍ ଓଡ଼ିଶା ପୁଲିସ୍‌ର ପ୍ରତିଷ୍ଠା ଦିବସ୍ ସମାରୋହ ଆୟୋଜନ୍ କରାଯିବା । କାର୍ଯ୍ୟକ୍ରମ୍‌ଥି ଆରକ୍ଷୀ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପରେଡ୍ ଅଭିବାଦନ୍ ଗ୍ରହଣ୍ କର୍‌ବେ ଆର୍ ରାଜ୍ୟସ୍ତରୀୟ ପୁରସ୍କାର୍ ଦେବେ ।

ଇଦ୍-ବାର୍ତା ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜେ ଆଏଜ୍ ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କର୍ ପବିତ୍ର ଇଦ୍-ଉଲ୍-ଫିତର୍ ପରବ୍ ପାଲନ୍ କରାଯାଉଛେ । ମୁସଲ୍‌ମାନ୍ ଭାଏବହେନ୍‌ମାନେ ଗଲା ମାସେ ହେଲା ପବିତ୍ର ରମ୍‌ଜାନ୍ ମାସ୍ ପାଲନ୍ କରିକରି ରୋଜା ରଖୁଥିଲେ । ସୂର୍ଯ୍ୟୋଦୟନୁ ସୂର୍ଯ୍ୟାସ୍ତ ତକ୍ ଉପାସ୍ ରହୁଥିଲେ । ଇ ଧରମ୍ ମାସ୍‌ର ଆଏଜ୍ ଇଦ-ଉଲ୍-ଫିତର୍- 'ଇଦ୍' ସାଙ୍ଗେ ଶେଷ୍ ହେଉଛେ । ମୁସ୍‌ଲ୍‌ମାନ୍ ଭାଏବହେନ୍‌ମାନ୍‌କର୍ ଲାଗି ଆଏଜ୍ ଗୁଟେ ଆନନ୍ଦର ପରବ୍ ଆଏ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଦ୍ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଗଣମାଧମ୍ ଜରିଏ ରାଷ୍ଟ୍ରପତି କହିଛନ୍, ଇ ପର୍ବ ଭାଇଚାରାର୍ ଭାବ୍‌ନାକେ ବର୍‌କସ୍ କର୍‌ବାର୍ ସହେତେ କରୁଣା ଭାବ୍ ଆର୍ ଦାନ୍ ଦେବାର୍ ଅଭ୍ୟାସ୍‌ର ବାର୍ତା ଦେସି ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଦ୍ ପରବ୍ ସମାଜ୍ ନ ଆଶା, ସଦ୍‌ଭାବ, ଦୟାଭାବ୍‌ନାକେ ବଢ଼ାସି ବଲି ସାମାଜିକ୍ ଗଣମାଧମ୍ ପୋଷ୍ଟ୍‌ଥି କହିଛନ୍ ।

ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଇଦ୍ ଅବ୍‌ସରେ ମୁସଲ୍‌ମାନ୍ ଭାଏ ବହେନ୍ ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ ।

ଇଦ୍-୧ ସୁବର୍ଣ୍ଣପୁର, ବୌଦ୍ଧ ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲାନ ଆଏଜ୍ ଇଦ୍-ଉଲ୍-ଫିତର୍ ଧୁମ୍‌ଧାମ୍‌ଥି ପାଳନ କରାଯାଉଛେ । ସୁବର୍ଣ୍ଣପୁର ସହର ସହେତେ ଜିଲ୍ଲାର ତରଭା, ବିନିକା, ବୀରମହାରାଜପୁର ଆଉ ନାରାୟଣପୁର ଇଲାକାନ ରହୁଥିବା ମୁସଲ୍‌ମାନ ଭାଏବୁହେନ୍‌ମାନେ ବଡ଼ା ଉସତ୍‌ଥି ଇଦ୍ ପାଳନ୍ କରୁଛନ୍ । ମସ୍‌ଜିଦ୍ ମାନ୍‌କେ ସମୂହ ନମାଜ୍ ପାଠ୍ କରିଛନ୍ । ଭିନ୍ ଭିନ୍ ଜାଗାନ ବନ୍ଧୁମିଳନ୍ କାର୍ଯ୍ୟକ୍ରମ୍ ଭିଲ୍ ଆୟୋଜନ୍ କରାଯାଇଥିଲା ।

ଇଦ୍-ଉଦ୍-ଫିତର୍ ପରବ୍ ବୌଦ୍ଧ ଜିଲ୍ଲା ସଦର ମହକୁମା ଆଉ ମନମୁଣ୍ଡାଠାନେ ଭିଲ୍ ମୁସଲ୍‌ମାନ୍ ଭାଇବୁହେନ୍‌ମାନେ ବଡ଼ା ଉଷ୍‌ନାକିଥି ଇଦ୍ ପାଳନ୍ କରିଛନ୍ । ମସ୍‌ଜିଦ୍‌ମାନ୍‌କେ ସମୂହ ନମାଜ୍ ପାଠ୍ କରିଛନ୍ । ନୂଆ କପ୍‌ଡ଼ା ଲତା ପିନ୍ଧିକରି ବନ୍ଧୁମିଳନ୍ କରିଛନ୍ । ମୌଲାନାମାନେ ପବିତ୍ର କୁରାନ୍‌ର ବାଣୀ ବୁଝେଇଛନ୍ ।

ମୁଖ୍ୟମନ୍ତ୍ରୀ- ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ଠାନେ ଶହୀଦ୍ ରାଜ୍‌କିଶୋର୍ ମୁଣ୍ଡାଙ୍କର୍ ପାର୍ଥିବ୍ ଶରୀର୍‌କେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଅରୁଣାଚଲ୍ ପ୍ରଦେଶ୍‌ନୁ ଆଏଜ୍ ତାଙ୍କର୍ ପାର୍ଥିବ୍ ଶରୀର ଭୁବ୍‌ନେଶ୍ୱର୍ ପୁହୁଁଚିଲା ଉତ୍‌ରୁ ବିମାନ୍‌ବନ୍ଦର୍ ବନ୍ଦର୍ ଠାନେ ଗାର୍ଡ୍ ଅଫ୍ ଅନର୍ ଦିଆଯାଇଥିଲା । କେନ୍ଦୁଝର୍ ଜିଲ୍ଲା ସଦର୍ ବ୍ଲକ୍ ନୂଆଁଗାଁ ର ରାଜକିଶୋର୍ ମୁଣ୍ଡା ବିହାର୍ ରେଜିମେଂଟ୍‌ର ୬ ନମ୍ବର୍ ବାଟାଲିୟନ୍‌ଥି ହାବିଲ୍‌ଦାର୍ ଭାବେ କାମ୍ କରୁଥିଲେ । ଅରୁଣାଚଲ୍ ପ୍ରଦେଶ୍‌ର ତାୱାନ୍ ଠାନେ ସେ ନିୟୋଜିତ୍ ଥିଲା ବେଲ୍‌କେ ଗଲା ୨୯ ତାରିଖ୍ ଶହୀଦ୍ ହେଇଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ-ନୂଆପଡ଼ା ନୂଆପଡ଼ା ସମ୍ବାଦଦାତା

ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଗଲାରାତି ନୂଆପଡ଼ା ଜିଲ୍ଲା ଗସ୍ତ କରିକରି ସର୍କିଟ୍ ହାଉସ୍ ଠାନେ ଉନ୍ନୟନ୍ କାମ୍‌ର ସମୀକ୍ଷା କରିଛନ୍ । ସର୍‌କାରୀ ଯୋଜ୍‌ନାମାନ୍‌କୁ ଲୋକାଭିମୁଖୀ କର୍‌ବାର୍ ସହେତେ ପ୍ରକୃତ୍ ହିତାଧିକାରୀମାନ୍‌କୁ ଯୋଜ୍‌ନାର୍ ଲାଭ୍ ପୁହୁଁଚାବାର୍ ଲାଗି ଇ ଅବ୍‌ସରେ ସେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଜିଲ୍ଲାପାଳ୍ ମଧୁସୂଦନ୍ ଦାସ, ଆରକ୍ଷୀ ଅଧିକ୍ଷକ୍ ଜି.ଆର୍. ରାଘବେନ୍ଦ୍ରଙ୍କର୍ ସହେତେ ଜନପ୍ରତିନିଧି ଆର୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ନୂଆପଡ଼ା -ଉଦନ୍ତୀ ମହୋତ୍ସବ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ହାଇସ୍କୁଲ୍ ପଡ଼ିଆଠାନେ ଚାଲିଥିବା ଉଦନ୍ତୀ ମହୋତ୍ସବ୍ ଉଦ୍‌ଯାପିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଯୋଗ୍ ଦେଇକରି ମହୋତ୍ସବ୍ - କଳା,

ସାହିତ୍ୟ, ସଂସ୍କୃତିକେ ବଂଚେଇକରି ରଖ୍‌ସି ବଲି କହିଛନ୍ । ଇ ଅବ୍‌ସରେ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍‌ମାନ୍ ହେଇଥିଲା ।

ସେନ୍ତା ଜିଲ୍ଲାର୍ ତୁକଲା ସରସ୍ଵତୀ ଶିଶୁମନ୍ଦିରର ରଜତ ଜୟନ୍ତୀ ସମାରୋହଥି ମନ୍ତ୍ରୀ ଶ୍ରୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ସରସ୍ଵତୀ ଶିଶୁମନ୍ଦିର ଆଧ୍ୟାତ୍ମିକ୍, ଆଧୁନିକ୍ ଶିକ୍ଷାର ପ୍ରାଣକେନ୍ଦ୍ର ବଲି କହିଛନ୍ । ଦୁହି କାର୍ଯ୍ୟକ୍ରମ୍‌ଥି ମନ୍ତ୍ରୀଙ୍କର୍ ସାଙ୍ଗେ ଖଡ଼ିଆଲ୍ ବିଧାୟକ୍ ଅଧିରାଜ୍ ପାଣିଗ୍ରାହୀ, ଆଘର୍ ସାଂସଦ୍ ବସନ୍ତ କୁମାର୍ ପଣ୍ଡା ଆର୍ ବହୁତ୍ ସିଆନ୍ ସୁଜନ୍ ଉପସ୍ଥିତ୍ ଥିଲେ ।

ବୌଦ୍ଧ - ତୃତୀୟ ଲିଙ୍ଗ ଦିବସ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଟାଉନ୍‌ହଲ୍ ଠାନେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ସମଲିଙ୍ଗି ମାନ୍‌କୁ ସମାଜ୍ ନ ସମାନ୍ ଅଧିକାର୍ ଦେବାର୍, ସମ୍ମାନ୍ ଦେବାର୍ ସେମାନେ ସାମ୍ନା କରୁଥିବା ଭେଦ୍‌ଭାବ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଆଉ ସେମାନ୍‌କର୍ ଅବଦାନ୍‌କେ ସ୍ୱୀକାର୍ କର୍‌ବାର୍ ଲାଗି ଅତିଥି ମାନେ କାର୍ଯ୍ୟକ୍ରମ୍‌ଥି ବୁଝେଇଥିଲେ । ଭଲ୍ କାମ୍ କରିଥିବା

୮ ଝନ୍ ତୃତୀୟ ଲିଙ୍ଗିମାନ୍‌କୁ ଇ ଅବ୍‌ସରେ ସମ୍ମାନିତ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

କଲାହାଣ୍ଡି, ବୌଦ୍ଧ ସହେତେ ରାଜ୍ୟର୍ ୧୦ ଟା ଜିଲ୍ଲାର୍ କେତେଟା ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ଧୁକାଗର୍ଡ଼ି ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ସେନ୍ତା ଆଏବା ଗୁରୁବାର୍ ତକ୍ ରାଜ୍ୟର୍ କେତେଟା ଜାଗା ନ ବିଜ୍‌ଲି ମାରିକରି ଜବର୍ ଧୁକାଗର୍ଡ଼ି ହେଇପାରେ ବଲି ସତର୍କ କରାଯାଇଛେ । ବୌଦ୍ଧ ନ ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ୪୨ ଦଶ୍‌ମିକ୍ ୧ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।